# Akashvani, Sambalpur

## SAMBALPURI NEWS EVENING BULLETIN

## 7 January 2025- 7.02 pm- 7.12 pm.

*********************************************

୧- ଆଏବାକାଏଲ୍‌ଠାନୁ ମୁଳ୍ ହେଉଛେ ପ୍ରବାସୀ ଭାରତୀୟ ଦିବସ୍ ।

- ଅତିଥି ଦୋବା ଭବ ଭାବ୍‌ନା ନେଇକରି ପ୍ରବାସୀ ମାନ୍‌କୁ ସ୍ୱାଗତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଦେଲେ ଆହ୍ୱାନ୍ ।

୨- ରାଜ୍ୟ ସଂଗ୍ରହାଲୟ ନ ୯ ଟା ନୂଆଁ ଗେଲେରୀ ଆର୍ ତାଲପତର୍‌ଥି ରାମାୟଣ୍ ପ୍ରଦର୍ଶନୀ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ୪୪ ହଜାର୍ ୭ ଶହ ୯୩ କୋଟି ଟଙ୍କାର୍ ୫ ଟା ପ୍ରକଳ୍ପକେ ମଞ୍ଜୁର୍ କଲା ଉଚ୍ଚସ୍ତରୀୟ ଅନୁମୋଦନ୍ କର୍ତ୍ତୃପକ୍ଷ ।

୪- ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରାଥି ଆଏଜ୍ ପ୍ରଭୁ ଶ୍ରୀକୃଷ୍ଣଙ୍କର୍ କାଳିଅଦଳନ ଆର୍ ବିଶ୍ୱରୂପ ଦର୍ଶନ୍ ଉପଭୋଗ୍ କରୁଛନ୍ ଦର୍ଶକ୍ ।

ଆଉର୍

୫-  ହକି ଇଣ୍ଡିଆ ଲିଗ୍‌ଥି ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ଆଏଜ୍ ହେବା ଖେଲ୍ ।

ପ୍ରବାସୀ ଭାରତୀୟ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଜନତା ମଇଦାନଠାନେ ଆଏବା କାଏଲ୍ ୧୮ ନମ୍ବର ପ୍ରବାସୀ ଭାରତୀୟ ଦିବସ୍ ବାବ୍‌ଦେ ଆଏଜ୍ ଭୁବନେଶ୍ୱର ଲୋକ୍‌ସେବା ଭବନଠାନେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର୍ ସଚିବ ଅରୁଣ କୁମାର ଚାଟାର୍ଜୀ ଆର୍ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ମନୋଜ  ଆହୁଜା ସୂଚ୍‌ନା ଦେଇଛନ୍ । ଇ ବାବ୍‌ଦେ ସାମ୍ବାଦିକ୍‌ମାନଙ୍କୁ ସୂଚ୍‌ନା ଦେଇକରି ସେମାନେ କହିଛନ୍, ଆଏବା କାଏଲ୍ ପ୍ରବାସୀ ଭାରତୀୟ ଯୁବ ଦିବସ୍ ହେବା । କାର୍ଯ୍ୟକ୍ରମ୍‌ଥି ବୈଦେଶିକ ବ୍ୟାପାର ମନ୍ତ୍ରୀ, କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରୀ ଆର୍ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛେ । ୯ ତାରିଖ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାରୋହକେ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କର୍‌ବେ । ଇତାର୍‌ଛଡ଼ା ପ୍ରଧାନ୍‌ମନ୍ତ୍ରୀ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ । ଉପର୍‌ବେଲା ରେଲ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟ ମାନ୍‌ଙ୍କର ସାଙ୍ଗେ ଭାବ୍‌ବିନିମୟ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ୧୦ ତାରିଖ୍ ଉଦ୍‌ଯାପନୀ

ଉଛବ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍‌ଦେବେ ବଲି ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦିଆଯାଇଛେ ।

ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍ ଆଘୋନୁ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଗୁଟେ ଭିଡିଓ ବାର୍ତାଥି ରାଜ୍ୟବାସୀଙ୍କୁ ଅତିଥି ଦେବୋ ଭବଃ ଭାବ୍‌ନା ନେଇକରି ପ୍ରବାସୀମାନ୍‌ଙ୍କୁ ସ୍ୱାଗତ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶାର୍ ବର୍‌କସ୍ କଳା, ସଂସ୍କୃତି ଆର୍ ଐତିହ୍ୟକେ ଦୁନିଆ ସାରା ପୁହୁଁଚାବାର୍‌କେ ଇଟା ଗୁଟେ ଭଲ୍ ସୁଯୋଗ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍-ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ)

ଇନ ଜନେଇ ଦିଆଯାଇପାରେ ଯେ, ପହେଲାକରି ଓଡ଼ିଶାନ ପ୍ରବାସୀ ଭାରତୀୟ ସମ୍ମିଳନୀ ହଉଥିବାର୍‌ନୁ ସରକାରଙ୍କର୍ ତର୍‌ଫୁ ଜୋର୍‌ଦାର୍ ତୟାରି କରାଯାଇଛେ । ଇଥିର୍‌ଲାଗି ଭିନ୍ ଭିନ୍ ଦେଶୁ ଅତିଥିମାନେ ଭୁବନେଶ୍ୱର୍‌କେ ପୁହୁଁଚିବାର୍‌କେ ଲାଗିଛନ୍ । କାର୍ଯ୍ୟକ୍ରମ୍‌ଥି ୭୦ଟା ଦେଶୁଁ ୪ ହଜାର୍‌ନୁ ଅଏତ୍‌କା ପ୍ରବାସୀ ଭାରତୀୟ ଯୋଗ୍‌ଦେବେ ବଲି ସୂଚ୍‌ନା ମିଳିଛେ ।

ପ୍ରବାସୀ ଭାରତୀୟ ଦିବସ-୩ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରବାସୀ ଭାରତୀୟ ଦିବସ୍ ମୁଖିଆ କାର୍ଯ୍ୟକ୍ରମ୍ ମୁଲ୍ ହେବାର୍ ଆଗ୍ରୁ ଆଏଜ୍ ରାଜଧାନୀ ଭୁବନେଶ୍ୱର୍ଠାନେ ସଂସ୍କୃତି ବିଭାଗ୍ ତର୍ଫୁ, ରବୀନ୍ଦ୍ର ମଣ୍ଡପଠାନେ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ୍, ରାଜାରାଣୀ ମନ୍ଦିର୍ଠାନେ ରାଜାରାଣୀ ସଙ୍ଗୀତ୍ ମହୋତ୍ସବ୍ ଆର୍ ମୁକ୍ତେଶ୍ୱର ମନ୍ଦିର୍ଠାନେ ଓଡ଼ିଶୀ ନୃତ୍ୟ ମହୋତ୍ସବ୍ ମୁଲ୍ ହେଇଛେ । ଉଛବ୍ ମାନ୍ ୫ ଦିନ୍ ତକ୍ ଚାଲ୍‌ବା ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟର୍ ସଂଗ୍ରହାଲୟର୍ ୯ ଟା ନୂଆଁ ଗେଲେରୀ ଆର୍ ତାଳପତ୍ର ଚିତ୍ରଥି ପୂର୍ଣ୍ଣାଙ୍ଗ ରାମାୟଣ୍ ପ୍ରଦର୍ଶନୀକେ ଉଦ୍‌ଘାଟନ୍ କରିଛନ୍ । ଇଥି ବିକ୍ରମ୍ ବେତାଲ୍ କଥାନୀର୍ ଚରିତ୍ର ଜରିଏ ଓଡ଼ିଶାର୍ ଅସ୍ମିତା ଆର୍ ଇତିହାସ୍‌କେ ଦର୍ଶକ୍‌ମାନ୍‌କୁ ସୂଚ୍‌ନା ଦିଆଯିବା । ଫି’ ଗେଲେରୀ ନ ଡିଜିଟାଲ୍ ପ୍ରଦର୍ଶନୀର୍ ବ୍ୟବସ୍ଥା ସହେତେ ତାଳପତ୍ର ଚିତ୍ରଥି ପୂର୍ଣ୍ଣାଙ୍ଗ ରାମାୟଣର୍ ପ୍ରଦର୍ଶନୀର୍ ବ୍ୟବସ୍ଥା ହେଇଥିବାର୍ ବେଲେ ପହେଲାଥର୍ ଲାଗି ଭୂଇଁତଲେ କଳା ସାମଗ୍ରୀ ପ୍ରଦର୍ଶନ୍ କରାଯିବା । ପ୍ରବାସୀ ଭାରତୀୟ ଦିବସ୍ ଅବ୍‌ସରେ ଆଏବା ୧୨ ତାରିଖ୍‌ତକ୍ ରାଜ୍ୟ ସଂଗ୍ରହାଲୟକେ ରାତିର୍ ୯ ବଜେତକ୍ ଖୁଲା ରଖାଯିବା ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ ।

ପ୍ରବାସୀ ଭାରତୀୟ ଦିବସ୍‌ଥି ବେଭାର୍ ହେବାର୍‌କେ ଥିବା ଡବଲ୍ ଡେକର୍ ବସ୍ ମାନ୍‌କର୍ ଆଏଜ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ୍

କରିଛନ୍ । ଭୁବ୍‌ନେଶ୍ୱର୍ ଗାଡ଼କଣ ନ ଥିବା ମୋ ବସ୍ ଡିପୋ ଠାନେ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ଇ ଡବଲ୍‌ଡେକର୍ ବସ୍, ହପ୍ ଅନ୍-ହପ୍ ଅଫ, ଆର୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍‌ର ଇ ବସ୍‌ସେବାକେ ଭିଲ୍ ମୁଲ୍ କରିଛନ୍ ।

ପ୍ରବାସୀ ଭାରତୀୟମାନ୍‌କୁ ଜରୁରୀକାଲୀନ୍ ଚିକିତ୍ସା ସେବା ଯୁଗେଇ ଦେବାର୍ ଲାଗି ଭୁବ୍‌ନେଶ୍ୱର୍ ଆର୍ କଟକ୍ ଠାନେ ସବୁ ସର୍‌କାରୀ ଆର୍ ଘରୋଇ ହାସ୍‌ପାତାଲ୍‌ମାନ୍‌କୁ ତୟାର୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେଇକରି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍, କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଉଥିବା ଅତିଥି ମାନ୍‌କର୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସାଙ୍ଗେସାଙ୍ଗ୍ ଚିକିତ୍ସାସେବା ଯୁଗେଇ ଦେବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତୟାର୍ ଅଛେ ।

ଦିଲ୍ଲୀ ନିର୍ବାଚନ୍      ଆର୍‌ଏନ୍‌ୟୁ/ କଟକ୍

ଦିଲ୍ଲୀ ବିଧାନ୍‌ସଭା ନିର୍ବାଚନ୍ ଲାଗି ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ୍ କୁମାର୍ ଆଏଜ୍ ତାରିଖ୍ ଘୋଷ୍‌ନା କରିଛନ୍ । ଆଏବା ମାସ ଦିଲ୍ଲୀର୍ ୭୦ ଟା ଆସନ୍ ଲାଗି ଭୋଟ୍ ହେବା ଆର୍ ୮ ତାରିଖ୍ ଭୋଟ୍ ଗନ୍‌ତି ହେବା ବଲି ମୁଖ୍ୟ ନିର୍ବାଚନ୍

ଆୟୁକ୍ତ ସୂଚ୍‌ନା ଦେଇଛନ୍ । ଭୋଟ୍ ଲାଗି ଆଏବା ୧୦ ତାରିଖ୍ ଶୁକ୍ରବାର୍ ଦିନ ବିଜ୍ଞପ୍ତି ବାହାର୍‌ବା । ୧୭ ତାରିଖ୍ ପ୍ରାର୍ଥୀପତ୍ର ଦାଖଲ୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ୧୮ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ ଆର୍ ୨୦ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଧାରିଜ୍ ହେଇଛେ । ନିର୍ବାଚନ୍ ଆୟୋଗ୍‌ର ସୂଚ୍‌ନା ଅନ୍‌ସାରେ ଦିଲ୍ଲୀ ନ ମୋଟ୍ ୧ କୋଟି ୫୫ ଲାଖ୍ ୨୪ ହଜାର୍ ୮ ଶହ ୫୮ ଝନ୍ ଭୋଟର୍ ୧୩ ହଜାର୍‌ନୁ ଅଏତ୍‌କା ବୁଥ୍ ନ ଭୋଟ୍ ଦେବେ ।

HLCA ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶିଳ୍ପର ନିରନ୍ତର୍ ବିକାଶ ଲାଗି ୪୪ ହଜାର ୭ ଶହ ୯୩ କୋଟି ଟଙ୍କାର୍ ୫ଟା ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ଭୁବନେଶ୍ୱରଠାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ୩୮ ନମ୍ବର୍ ଉଚ୍ଚସ୍ତରୀୟ ଅନୁମୋଦନ୍ କର୍ତ୍ତୃପକ୍ଷ-HLCA ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ହେଇଛେ । ପ୍ରକଳ୍ପମାନ୍‌କେ ସବୁଜ ଶକ୍ତି ଯନ୍ତ୍ରପାତି, ବାୟୋଟେକ୍ନୋଲୋଜି, ଇସ୍ପାତ୍ ଆର୍ ରସାୟନ କ୍ଷେତ୍ରଥି ରାଏଜେ ୨୩ ହଜାର ୫ ଜନ୍‌ଙ୍କୁ ନିଯୁକ୍ତି ମିଲ୍‌ବା । ୫ଟା ପ୍ରକଳ୍ପ ଭିତ୍‌ରେ ଯାଜ୍‌ପୁରଠାନେ ୮

ହଜାର ୭ ଶହ ୪୩ କୋଟି ଟଙ୍କା ଖର୍ଚ୍ଚାଥି ଅଶୋଧିତ୍ ତେଲ୍ ରଖିବାର୍ ସୁବିଧା ଆଉ ୨୬ ହଜାର ୧୭୫ କୋଟି ଟଙ୍କାଥି ଇସ୍ପାତ୍ କାରଖାନାକେ ବଢ଼ାବାର୍ ବ୍ୟବସ୍ଥା, ଢେଙ୍କାନାଲ୍ଠାନେ ୪ ହଜାର କୋଟିର୍ ଟଙ୍କାର୍ ଗୁଟେ ସୋଲାର୍ ମୋଡ୍ୟୁଲ୍ ତିଆର୍ କାର୍ଖାନା, କଟକନ ୪ ହଜାର ୫୦ କୋଟି ଟଙ୍କାଥି ଗୁଟେ ପ୍ରୋଟିନ୍ କାରଖାନା ଆର୍ ୧ ହଜାର ୮ ଶହ ୨୫ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଖଣିଜ ତେଲ୍ ଆର୍ ରିସାଇକ୍ଲିଙ୍ଗ୍ କାରଖାନା ଥାପ୍ନା କରାଯିବା ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ମଥୁରା ନଗରୀ ନ ଜରାସନ୍ଧ ସହେତେ କଂସଙ୍କର୍ ଯୁଦ୍ଧ ଆର୍ ହେତି ପ୍ରହେତିଙ୍କର୍ ବିହାଘର୍, କଂସମହାରାଜ୍‌ଙ୍କର୍ ବ୍ରହ୍ମଚାରୀ, ଅଂଚଲ୍‌ଥି ଦିଗ୍‌ବିଜୟ, ରାକ୍ଷସ୍‌ମାନ୍‌କର୍ ମର୍‌ବାର୍ ଖବର୍ ପାଇକରି କଂସ ମର୍ମାହତ ବାଗିର୍ ଦୃଶ୍ୟ ଅଭିନୟ ହେବା । ସେଆଡ଼େ ଗୋପପୁର୍ ନ କୃଷ୍ଣ ବଳରାମ୍‌ଙ୍କର୍ ବାଲ୍ୟଲୀଳା, ଜାମଳାର୍ଜୁନ ଭଞ୍ଜନ, କାଳିଅ ଦଳନ, ବିଶ୍ୱରୂପ ଦର୍ଶନ୍

ଆର୍ ଗୋପୀମାନ୍‌କର୍ ଦହି ବିକା ବାଗିର୍ ଦୃଶ୍ୟ ଦେଖିବାର୍‌କେ ମିଲିଛେ ।

ସୁବର୍ଣ୍ଣପୁର- ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀ ମନ୍ଦିର୍ ପରିସର୍ ନ ଆଏଜ୍ ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଇଯାଇଛେ । ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ସହେତେ ପ୍ରଶାସନିକ୍ ଅଧିକାରୀମାନେ ଇ ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ସଫେଇ କରିଥିଲେ ।

ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ୍-୨୦୨୫ ଅବ୍‌ସରେ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ଆଏଜ୍ ସଂସ୍କୃତି ଭବନ୍ ପ୍ରେକ୍ଷାଳୟ ନ 'ଓଡ଼ିଆ ସାହିତ୍ୟ ଆର୍ ସୁବର୍ଣ୍ଣପୁର୍' ଶୀର୍ଷକ୍ ଗୁଟେ ବୌଦ୍ଧିକ ଆଲୋଚନାଚକ୍ର ହେଇଯାଇଛେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର୍ ସନ୍ତୋଷ୍ ରଥ ଆର୍ ଡକ୍ଟର୍ ଦେବାଶିଷ ପାଣ୍ଡିଆ ଯୋଗ୍

ଦେଇକରି ସୁବର୍ଣ୍ଣପୁର୍ ମାଟିର୍ ସାହିତ୍ୟିକ ସିର୍ଜନା ଓଡ଼ିଆ ସାହିତ୍ୟକେ ସମୃଦ୍ଧ କରିଛେ ବଲି କହିଥିଲେ ।

ବୌଦ୍ଧ ମହୋତ୍ସବ୍ ଉଦ୍‌ଯାପିତ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ଆର୍ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ଜିଲ୍ଲାର୍ ୩୧ ନମ୍ବର୍ ଥାପ୍‌ନା ଦିବସ୍ ଅବ୍‌ସରେ ଚାଲିଥିବା ବୌଦ୍ଧ ମହୋତ୍ସବ୍ ଆର୍ ପଲ୍ଲିଶ୍ରୀ ମେଲା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉତ୍ସବ୍‌ଥି ଗ୍ରାମ୍ୟ ଉନ୍ନୟନ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍ ଯୋଗ୍ ଦେଇକରି ଜିଲ୍ଲାର୍ କଳା, ସଂସ୍କୃତି ମହାନ୍ ଆଏ ବଲି କହେବାର୍ ସହେତେ ଭିନ୍ ଭିନ୍ ଇଲାକାକେ ସଂସ୍କୃତି ପରମ୍ପରା ଆର୍ ସଭ୍ୟତାର୍ ସୂତ୍ରଥି ବାନ୍ଧି ରଖିଥିସି ବଲି କହିଥିଲେ । କାର୍ଯ୍ୟକ୍ରମ୍‌ଥି ବାଣିଜ୍ୟ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ସ୍ମରଣିକା ଯଶୋଧାରାକେ ଉନ୍ମୋଚନ୍ କରିଥିଲେ ।

ହାତୀ ବେରେଜ୍-ପାଏନ୍ କଲାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପର୍ ମଙ୍ଗଲ୍‌ପୁର୍ ହାତୀ ବେରେଜ୍‌ନୁ ଡେବ୍‌ରୀ ଫାଲର୍ ଦକ୍ଷିଣ ମୁଖ୍ୟ କେନାଲ୍ ନ ଡାଲୁଆ ଚାଷ୍ ଲାଗି ପାଏନ୍ ଛଡ଼ାଯାଇଛେ । ଜିଲ୍ଲାର ଜୟପାଟ୍‌ଣା, କଲମ୍‌ପୁର୍, ଜୁନାଗଡ଼୍, କୋକ୍‌ସରା ଆର୍ ଧର୍ମଗଡ଼୍ ବ୍ଲକ୍‌ର ୫୩ ହଜାର୍ ୩ ଶହ ୭୪ ହେକ୍ଟର୍ ଜମିକେ ପାଏନ୍ ମାଡ଼୍‌ବା । ଡେବ୍‌ରୀ ମୁଖିଆ କେନାଲ୍‌ନୁ ୫ କ୍ୟୁମେକ୍ସ ଆର୍ ଦକ୍ଷିଣ ମୁଖ୍ୟ କେନାଲ୍‌ନୁ ୩ କ୍ୟୁମେକ୍ସ ପାଏନ୍ ଛଡ଼ାଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ବେଦାନ୍ତ କଲିଙ୍ଗ ଲାନ୍‌ସର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ସମ୍ବଲପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍, କଲାହାଣ୍ଡି ଆର୍ ଗଞ୍ଜାମ୍ ଜିଲ୍ଲା ନ କୁହୁଡ଼ି ହେବା । ଆଏବା ୪ ଦିନ୍ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା କରାଯାଇଛେ । ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ଦାରିଙ୍ଗ୍‌ବାଡ଼ି ନ ରେକର୍ଡ୍ କରାଯାଇଛେ ।